# ତିଲୋତ୍ତମା
# TILOTTAMĀ

## ମାତୃତତ୍ତ୍ୱ ଆଧାରିତ ପୁସ୍ତକ

*(A Book based on The Concept of Mother)*




CamScanner

# ତିଲୋତ୍ତମା

# TILOTTAMĀ

*(A Souvenir based on The Concept of Mother)*

**Publisher** : AUM BOOKS, Aum Foundation, Dolamandap Sahi, Puri
Odisha, PIN-752001

**1st Publication** : 01.03.2022

**Chief Editor** : Sri Kalpataru Patra
Young Scientist, Mathematics Teacher
Sitala Simanta High School, Antaroi, Balasore, Odisha

**Editor** : Dr. Gagan Chandra Dey
Associate Professor, P.G. Department of Sanskrit
Sabang Sajanikanta Mahavidyalaya
P.O. - Lutunia, Dist.- Paschim Medinipur, West Bengal, PIN-721166
What's App - 9474039621, Mob. : 8250459022

**Editorial Board :**

* *Dr. Susanta Kumar Raj :* Associate Professor in Sahitya, Central Sanskrit University, Shree Sadasiva Campus, Puri
* *Sri Parameswar Dey :* Lecturer in Odia, Saratpal Mahavidyalaya, Palvihar, Mayurbhanj
* *Dr. Manoranjan Das :* Associate Professor in Sanskrit, Mugberia Gangadhar Mahavidyalaya, Bhupati Nagar, Purba Medinipur, West Bengal
* *Sri Prabodh Kumar Dey :* Lcturer in Palitical Sciene, Baripada College, Mayurbhanj
* *Dr. Sumanta Chowdhury :* Assistant Professor, P.G. Department of Sanskrit, Sabang Sajanikanta Mahavidyalaya, Lutunia, Paschim Medinipur, West Bengal
* *Sri Tapan Kumar Pradhan :* Lecturer in Odia, Gurukul Sanskrit Mahavidyalaya, Chakapad, Kandhamal, Odisha
* *Dr. Priyabrata Behera :* Assistant Professor in Sanskrit, M.P.C. Autonomus College, Baripada, Odisha
* *Sri Hrushikesh Jena :* Sanskrit Teacher, Siddheswar High School, Amarda, Balasore, Odisha


**ISBN** : 978-93-91510-93-0

**Copies** : 300

**Price** : 250/- (Rupees Two Hundred Fifty only)

**Printing Press** : H.P. Computers
Near Gandharba Matha, Clark Road, Puri-752001

**Tilottama Smruti Parisad**
Chirakula, Kamarda, Dist.-Balasore, Odisha, Pin-756079



# ମାତୃକୃପା ହି କେବଳମ୍

ଡଃ ମନୋରଞ୍ଜନ ଦାସ

ସହାଚାର୍ଯ୍ୟ ଓ ସଂସ୍କୃତ ବିଭାଗାଧ୍ୟକ୍ଷ
ମୁଗବେଡ଼ିଆ ଗଙ୍ଗାଧର ମହାବିଦ୍ୟାଳୟ
ଭୂପତି ନଗର, ପୂର୍ବମେଦିନୀପୁର, ପଶ୍ଚିମବଙ୍ଗ

ଭବାନୀ ଗର୍ଭରେ ରାଧାକୃଷ୍ଣ କୋଳ
କରି ସେ ଯେ ବିମଣ୍ଡନ ।
ସଂସାର ଜୀବନ କରି ସମାପନ
ବୈକୁଣ୍ଠେ କଲେ ଗମନ ॥୧
ତିଳ ତିଳ ଦଗ୍ଧ କରି ଜୀବନକୁ
ମାତା ତିଳୋତ୍ତମା ଦେବୀ ।
ସଂସାରର ଭାର ବୋହି ଚାଲିଥିଲେ
ବିଭୁ ପାଦପଦ୍ମ ସେବୀ ॥୨
ବନ୍ୟା କବଳିତ ଚିରକୁଲା ଗ୍ରାମେ
ଥିଲା ତାଙ୍କ ଶାଶୂଘର ।
ଦାରିଦ୍ର୍ୟ ବିଧ୍ୱସ୍ତ ଜୀର୍ଣ୍ଣ କୁଟୀରଟି
ସାଧନା କ୍ଷେତ୍ର ତାଙ୍କର ॥୩
ବିଳାସ ବ୍ୟସନେ ଚିର ଅନାସକ୍ତ
ଥିଲେ ତିଳୋତ୍ତମା ଦେବୀ ।
ପିଲାଙ୍କୁ ମଣିଷ କରିବା ପାଇଁ ସେ
ହୋଇଥିଲେ ସର୍ବତ୍ୟାଗୀ ॥୪
ଜୀବନରେ କେବେ ପଦେ କଟୁକଥା
କହି ନାହାଁନ୍ତି କାହାକୁ ।
ନିଜ ପଣତରେ ଦୁଃଖକୁ ଘୋଡ଼ାଇ
ସୁଖ ବାଣ୍ଟନ୍ତି ସଭିଙ୍କୁ ॥୫
ଶ୍ରଦ୍ଧାରେ ପ୍ରସ୍ତୁତ ଲେମ୍ବୁ ସରବତ
ଭୁଲି ନ ପାରଇ ମୁହିଁ ।
ମୃତ୍ୟୁ ସମ୍ବାଦରେ ଅନ୍ତର ମୋହର
ଯାଇଥିଲା ଶୁଷ୍କହୋଇ ॥୬
ଖାଇବାକୁ ଥରେ ଦିଅନ୍ତି ଯାହାକୁ
ବାତ୍ସଲ୍ୟ ସ୍ନେହରେ ସେହି ।
ସ୍ୱହସ୍ତ ନିର୍ମିତ ତିଅଣର ସ୍ୱାଦ
ତୁଣ୍ଡରୁ ଛାଡ଼ଇ ନାହିଁ ॥୭
ଖଣ୍ଡ ମଣ୍ଡଳରେ ଏହିଭଳି ମାତା
କାହା କପାଳେ ମିଳିବ ?
ସାନ୍ନିଧ୍ୟ ତାଙ୍କର ଥରେ ଯେ ପାଇଛି
କାହୁଁ ସେ ଭୁଲି ପାରିବ ॥୮
ସାହି ପଡ଼ିଶାଙ୍କ ଉପକାର ପାଇଁ
ସର୍ବଦା ଚଳ ଚଞ୍ଚଳ ।
ଦିନେ ହେଲେ କେବେ ଚିନ୍ତା କରିନାହିଁ
ଶତ୍ରୁର ବି ଅମଙ୍ଗଳ ॥୯
ପତି ପରାୟଣା ଆଦର୍ଶ ଗୃହିଣୀ
ସମସ୍ତଙ୍କ ପ୍ରିୟପାତ୍ରୀ ।
ପ୍ରତ୍ୟେକ କର୍ମରେ ପ୍ରେରଣା ପ୍ରଦାନ
କରୁଥାନ୍ତି ଦିବାରାତ୍ରି ॥୧୦
ଦେବତା ପୂଜନ ପୁରାଣ ପଠନ
ନିତ୍ୟ ସାତ୍ତ୍ୱିକ ଭୋଜନ ।
ଆଦର୍ଶ ନାରୀର ସମସ୍ତ ଲକ୍ଷଣେ
ଥିଲେ ସିଏ ପରିପୂର୍ଣ୍ଣ ॥୧୧
ଅମର ଆତ୍ମାର ହେଉ ମୋକ୍ଷପ୍ରାପ୍ତି
ପ୍ରଭୁଙ୍କୁ ଆମ ପ୍ରାର୍ଥନା ।
ଯେଉଁଠି ଥାଅ ମା କୁଶଳରେ ରୁହ
ନ ପାଅ ଦୁଃଖ ଯାତନା ॥୧୨
ସ୍ୱାମୀଙ୍କର ନାମ ଅଟେ ଶ୍ରୀନିବାସ
ଆଶୁ କବିରୂପେ ଖ୍ୟାତ ।
ଗୟାଧାମେ ଶ୍ରାଦ୍ଧ କରିବାକୁ ଯାଇ
ହୋଇଲେ ଗୃହ ବିମୁଖ ॥୧୩

ଏତିକିରେ ତାଙ୍କ ନ ସରିଲା ଦୁଃଖ
ବିଚିତ୍ର ବିଧି ବିଧାନ ।
ବତିଶି ବର୍ଷର ମଧ୍ୟମ ପୁତ୍ରକୁ
ବିଧାତା କଲେ ହରଣ ।।୧୪
ମଧ୍ୟମ ପୁତ୍ରର ଅକାଳ ବିୟୋଗ
ସହି ନ ପାରିଣ ମାତା ।
ମନ୍ମଥ ମନ୍ମଥ କରିଣ ପ୍ରଳାପ
ହରାଉ ଥାଆନ୍ତି ଚେତା ।।୧୫
ଉଦର ଜ୍ୱାଳାକୁ କରି ପଦାଘାତ
ପ୍ରସ୍ତର କରିଣ ଚିତ୍ତ ।
ଲକ୍ଷ୍ୟପଥୁ କେବେ ନ ହୋଇ ବିଚ୍ୟୁତ
ପୁତ୍ର ଦ୍ୱୟ ପ୍ରତିଷ୍ଠିତ ।।୧୬
ବଡ଼ ପୁତ୍ର ନାମ ଡକ୍ଟର ଗଗନ
ସଂସ୍କୃତରେ ପ୍ରଫେସର ।
ଶ୍ଳୋକ ରଚନାରେ ସିଦ୍ଧହସ୍ତ ସିଏ
ପ୍ରିୟପାତ୍ର ସଭିଙ୍କର ।।୧୭
ସାନପୁତ୍ର ତାଙ୍କ ସାମନ୍ତ ଶେଖର
ସଂସ୍କାରରେ ପରିପୂର୍ଣ୍ଣ ।
ଅଲିଅଳି କନ୍ୟା ସୁମିତ୍ରା ଦେବୀଙ୍କ
ଦର୍ଶନେ ମିଳଇ ପୁଣ୍ୟ ।।୧୮
ଏକମାତ୍ର ଜ୍ୱାଇଁ ପ୍ରଶାନ୍ତ ବାବୁଙ୍କୁ
କୋଟି କୋଟି ପ୍ରଣିପାତ ।
ଦୁର୍ଦ୍ଦିନ ସମୟେ ପରିବାର ପ୍ରତି
ବଢ଼ାଇ ଦିଅନ୍ତି ହାତ ।।୧୯
ଯେଉଁ ପୁଣ୍ୟାତ୍ମାଙ୍କ ଅକ୍ଳାନ୍ତ ତ୍ୟାଗରେ
ରକ୍ଷା ହେଲା ପରିବାର ।
ସେହି ଦେବତାଙ୍କୁ ବିନମ୍ର ପ୍ରଣତି
ଜଣାଉଛି ବାରମ୍ବାର ।।୨୦
ସେ ପରା ଅଟନ୍ତି ଆମ ସମସ୍ତଙ୍କ
ପ୍ରିୟ ବଙ୍କିମ ଚନ୍ଦର ।
ଗଗନଙ୍କ ପାଇଁ ମାତୁଳ ନୁହେଁ ସେ
ସ୍ୱୟଂ ହିଁ ପରମେଶ୍ୱର ।।୨୧
ସଂସାର ରଥକୁ ଆଗେଇ ନେବାକୁ
ଯେ ନାରୀ ଚିର ତତ୍ପର ।
ସର୍ବଂସହା ସେହି ଜନନୀ ମାନଙ୍କୁ
ବିନମ୍ର ପ୍ରଣତି ମୋର ।।୨୨
ମାତା ସରସ୍ୱତୀ କୃପାଲାଭ କରି
ଖ୍ୟାତ ହେଲେ କାଳିଦାସ ।
ମହା ମୂର୍ଖରୁ ସେ ହେଲେ ବିଶ୍ୱକବି
ରଖିଲେ ମାଆଙ୍କ ଯଶ ।।୨୩
ମାତୃ-କୃପା ଲଭି ଜଗତ ବିଖ୍ୟାତ
ହୋଇଲେ ସାରଳା ଦାସ ।
ମହାଭାରତକୁ ଓଡ଼ିଆରେ ରଚି
ସୃଷ୍ଟି କଲେ ଇତିହାସ ।।୨୪
ପ୍ରଭୁଙ୍କ ଦାରୁର ସନ୍ଧାନ ଦିଅନ୍ତି
କାକଟପୁର ମଙ୍ଗଳା ।
ଦିଅଁମାନଙ୍କର ଭୋଜନ ପୂର୍ବରୁ
ପ୍ରୟୋଜନ ମା ବିମଳା ।।୨୫
ପାଶ୍ଚାତ୍ୟ ରମଣୀ ମଦର ଟେରେସା
ସେବାପାଇଁ ସୁବିଖ୍ୟାତା ।
ମାନବ କଲ୍ୟାଣ ସାଧନ ବ୍ରତରେ
ପାଲଟିଲେ ବିଶ୍ୱମାତା ।।୨୬
ଧର୍ମର ବିଜୟ ଅଧର୍ମର କ୍ଷୟ
ଗାନ୍ଧାରୀଙ୍କ ଆଶୀର୍ବାଦ ।
କଥା ପଦଟିଏ କରିଦେଲା ତାଙ୍କୁ
ମାତୃ ଜାତିର ସମ୍ପଦ ।।୨୭
ମାତୃଗର୍ଭ ବିନା ସୃଷ୍ଟି ଅସମ୍ଭବ
ବଂଶ ରକ୍ଷା ପରକଥା ।
କନ୍ୟା ସନ୍ତାନକୁ ହୀନ ନ ମଣିବ
ହଟାଇ ଯୌତୁକ ପ୍ରଥା ।।୨୮
ମାଆର ପଣତ ଶ୍ରୀମନ୍ଦିର ନେତ
ପାଦ ତାଙ୍କ ପରଂଧାମ ।
ବୃଦ୍ଧକାଳେ ତାଙ୍କ ସଙ୍ଗେଥିବା ସଦା
ନ ପଠାଇ ବୃଦ୍ଧାଶ୍ରମ ।।୨୯
ବହୁ କଷ୍ଟ ସହି ଶ୍ରାଦ୍ଧ ବାର୍ଷିକୀରେ
ସ୍ମରଣିକା ପ୍ରକାଶନ ।
ପ୍ରଚେଷ୍ଟା ନିମନ୍ତେ ସପରିବାରଙ୍କୁ
ଜଣାଏ ଅଭିନନ୍ଦନ ।।୩୦